# କୃଷି ସୂଚନା ସେବା (ଧାନ)

## ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

### ୨୦୧୭ ମସିହା ମାର୍ଚ୍ଚ ମାସ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା :

- ଅଧିକ ଅମଳକ୍ଷମ ଧାନ ରୋଇବାର ୬୦ ଦିନ ପରେ ଅନୁମୋଦିତ ପରିମାଣର ଏକ ଚତୁର୍ଥାଂଶ ଯବକ୍ଷାରଜାନ ସାର(ଏକର ପିଛା ୨୧ କି.ଗ୍ରା. ହିସାବରେ ୟୁରିଆ) ଶେଷ କିସ୍ତି ସାର ହିସାବରେ ପ୍ରୟୋଗ କରନ୍ତୁ । ମାତ୍ର ଶଙ୍କର କିସମ ଧାନରେ ଅନୁମୋଦିତ ଯବକ୍ଷାରଜାନ ଏବଂ ପଟାସ୍ ସାରର ଏକ ଚତୁର୍ଥାଂଶ(ୟୁରିଆ ଏକର ପିଛା ୨୬ କି.ଗ୍ରା. ଏବଂ ପଟାସ୍ ସାର ଏକର ପିଛା ୧୦ କି.ଗ୍ରା.) ହିସାବରେ ଶେଷ କିସ୍ତି ସାର ଭାବରେ ପ୍ରୟୋଗ କରନ୍ତୁ । ବାଦାମୀ ଗୁଣ୍ଡି ପୋକ ଉପଦ୍ରୁତ ଅଞ୍ଚଳରେ ଶେଷ କିସ୍ତି ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ନାହିଁ ।
- ବାଲୁଙ୍ଗା ଦମନ ପାଇଁ ବର୍ତ୍ତମାନ ଅବସ୍ଥାରେ ଔଷଧ ପ୍ରୟୋଗ କରନ୍ତୁ ନାହିଁ । ମାତ୍ର, ଅଧିକ ବାଲୁଙ୍ଗା ହୋଇଥିଲେ ହାତରେ ବଛାବଛି କରିଦିଅନ୍ତୁ ।
- ଏହି ପକ୍ଷରେ କାଣ୍ଡବିନ୍ଧା ପୋକର ପ୍ରାଦୁର୍ଭାବ ଦେଖାଦେଇପାରେ । ଏହାର ସର୍ବେକ୍ଷଣ ପାଇଁ ଯୌନ ସଂବେଦନଶୀଳ ଯନ୍ତା ବସାନ୍ତୁ ଅଥବା ନିଜେ ବୁଲାବୁଲି କରି ତାର ଅବସ୍ଥା ଦେଖନ୍ତୁ । ଏହାର ଆର୍ଥିକ ଦେହଳୀ ସୀମାରୁ(ଏକ ବର୍ଗମିଟରରେ ଗୋଟିଏ ଅଣ୍ଡାପୁଞ୍ଜ କିମ୍ବା ୧-୨ ଟି ପ୍ରଜାପତି କିମ୍ବା ଦିନକୁ ପ୍ରତି ଯନ୍ତାରେ ୪-୫ ଟି ପୁରୁଷ ପ୍ରଜାପତି କିମ୍ବା ପ୍ରତି ବର୍ଗମିଟର ପିଡା ୧-୨ ଟି ମଞ୍ଜକିଳା) ଅଧିକା ହେଲେ ନିମ୍ନଲିଖିତ ନାଶକ କୀଟନାଶକ ଔଷଧରୁ ଯେକୌଣସିରୁ ଗୋଟିଏ ପ୍ରୟୋଗ କରନ୍ତୁ )

  କ୍ଲୋରାନ୍ଟ୍ରାନିଲିପ୍ରୋଲ ୧୮.୫ SC ୬୦ ମି.ଲି./ଏକର କିମ୍ବା

  ଟ୍ରାୟାଜୋଫସ୍ ୪୦ EC ୫୦୦ ମି.ଲି./ଏକର କିମ୍ବା

  କ୍ଲୋରୋପାଇରିଫସ୍ ୨୦ EC ୫୦୦ ମି.ଲି./ଏକର

  ସର୍ବଦା ପ୍ରତି ଏକର ପିଛା ୨୦୦ ଲିଟର ହିସାବରେ ପାଣି ବ୍ୟବହାର କରିବା ଉଚିତ୍ । କେବଳ ମଞ୍ଜକିଳା ଦେଖାଦେଲେ ଦାନାଦାର ଔଷଧ ଯଥା କାର୍ବୋଫ୍ୟୁରାନ୍ (୩ G) ଏକର ପିଛା ୧୨ କି.ଗ୍ରା. କିମ୍ବା କାରଟାପ୍ ହାଇଡ୍ରୋକ୍ଲୋରାଇଡ୍(୪ G) ପ୍ରତି ଏକର ପିଛା ୧୦ କି.ଗ୍ରା. ହିସାବରେ ପ୍ରୟୋଗ କରନ୍ତୁ ।
- ଯେଉଁ ସ୍ଥାନ ମାନଙ୍କରେ ବାଦାମୀ ଗୁଣ୍ଡିପୋକ, ଧଳା ପତ୍ରଡିଆଁ ପୋକ, ପତ୍ରମୋଡା ପୋକମାନଙ୍କର ପ୍ରାଦୁର୍ଭାବ ଅଧିକ ସେଠାରେ ସେମାନଙ୍କ ସଂଖ୍ୟାକୁ ନିୟନ୍ତ୍ରଣ କରିବା ଆବଶ୍ୟକ । ସେମାନଙ୍କ ଆର୍ଥିକ ଦେହଳୀ ସୀମା ନିମ୍ନରେ ଦିଆଗଲା

  ପତ୍ରମୋଡା ପୋକ- -ପ୍ରତି ବୁଦାରେ ୧ ରୁ ୨ ନଷ୍ଟ ହୋଇଥିବା ପତ୍ର

  ବାଦାମୀ ଗୁଣ୍ଡିପୋକ-ପ୍ରତି ବୁଦାରେ ୫-୧୦ ପୋକ

  ଧଳା ପତ୍ରଡିଆଁ ପୋକ-ପଅତି ବୁଦାରେ ୫-୧୦ ଟି ପୋକ

ଯଦି ଆର୍ଥିକ ଦେହଳୀ ସୀମାରୁ ଅଧିକ ସଂଖ୍ୟାରେ ପୋକ ଦେଖା ଦିଅନ୍ତି ତେବେ ନିମ୍ନଲିଖିତ ପୋକମରା ଔଷଧରୁ ଯେକୌଣସି ଗୋଟିଏ ପ୍ରତି ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

ପତ୍ରମୋଡା ପୋକ- ଟ୍ରାୟାଯୋଫସ୍ ୪୦ EC @ ୨୫୦ ମି.ଲି./ଏକର

ଥାୟୋମିଥୋକ୍ସାମ୍ ୨୫ WG @ ୪୦ ଗ୍ରାମ୍/ଏକର

ନିମ୍ବତେଲ @ ୫ ମି.ଲି/ଲିଟର ପାଣିରେ ଶତକଡା ୨ ଭାଗ ସାବୁନ ପାଣି ମିଶାଇ ପ୍ରୟୋଗ କରନ୍ତୁ ।

ବାଦାମୀ ଗୁଣ୍ଡିପୋକ / ଧଳା ପତ୍ରଡିଆଁ ପୋକ / ସବୁଜ ପତ୍ରଡିଆଁ ପୋକ-

ଇମିଡାକ୍ଲୋପ୍ରିଡ୍ ୧୭.୮ SL @ ୫୦ ମି.ଲି./ଏକର

ଥାୟୋମିଥୋକ୍ସାମ୍ ୨୫ WG @ ୪୦ ଗ୍ରାମ୍/ଏକର

ଇଥୋଫେନ୍‌ପ୍ରକ୍ସ ୧୦EC @ ୨୦୦ ମି.ଲି./ଏକର

ନିମ୍ବତେଲ @ ୫ ମି.ଲି/ଲିଟର ପାଣି ଶତକଡା ୨ ଭାଗ ସାବୁନ ପାଣି ମିଶାଇ ପ୍ରୟୋଗ କରନ୍ତୁ ।

**ବି.ଦ୍ର:** ବାଦାମୀ ଗୁଣ୍ଡି ପୋକା/ଧଳା ପତ୍ରଡିଆଁ ପୋକର ସର୍ବେକ୍ଷଣ ପାଇଁ ଧାନ ଗଛର ମୂଳକୁ ଗୋଟିଏ ଠେଙ୍ଗା ଦ୍ୱାରା ବାଡେଇ ଦେଲେ ପୋକଗୁଡିକ ପାଣିକୁ ଡେଇଁ ପଡିବେ । ସେଥିରୁ ଆମେ ସେମାନଙ୍କ ପ୍ରାର୍ଦୁଭାବ ଜାଣିପାରିବା

- ❖ ମହିଷା ରୋଗ ଦମନ ପାଇଁ କାରବେନ୍ ଡାଜିମ୍ ୫୦ WP ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କିମ୍ୱା ଟ୍ରାଇସାଇକ୍ଲୋଜଲ୍ ୭୫ WP ପ୍ରତିଲିଟର ପାଣିରେ ୦.୬ ଗ୍ରାମ୍ ହିସାବରେ ମିଶାଇ ପ୍ରୟୋଗ କରନ୍ତୁ ।
- ❖ ବାଦାମୀ ପତ୍ର ଚିତା ରୋଗ ଦମନ ପାଇଁ ପ୍ରତିଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମ୍ୟାନ୍ କୋଯେବ୍ ଅଥବା ୧ ମି.ଲି. ପ୍ରୋପିକୋନାଜୋଲ ମିଶାଇ ପ୍ରୟୋଗ କରନ୍ତୁ । ଏଥିସହିତ ପଟାସ୍ ସାର ଅତିରିକ୍ତ କିସ୍ତି ଭାବରେ ଏକର ପିଛା ୬ କି.ଗ୍ରା. ହିସାବରେ (ମ୍ୟୁରେଟ୍ ଅଫ୍ ପଟାସ୍ ୧୦ କି.ଗ୍ରା./ଏକର) ପ୍ରୟୋଗ କରନ୍ତୁ ।

******